## Telephone Conversation between Prime Minister Shri Narendra Modi and H.E. Boris Johnson, Prime Minister of the United Kingdom

**March 12, 2020**

---

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁନାଇଟେଡ଼ କିଙ୍ଗଡମ୍  ର ପ୍ରଧାନମନ୍ତ୍ରୀ ଏଚ.ଇ. ବୋରିସ୍ ଜନସନଙ୍କ ଭିତରେ ଟେଲିଫୋନ୍ ରେ କଥାବାର୍ତ୍ତା

**ମାର୍ଚ୍ଚ 12, 2020**

ଆଜି ୟୁନାଇଟେଡ଼ କିଙ୍ଗଡମ୍  ର ପ୍ରଧାନମନ୍ତ୍ରୀ ଏଚ.ଇ. ବୋରିସ୍ ଜନସନ୍ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟେଲିଫୋନ୍ କରିଥିଲେ।

ଦୁଇ ଜଣ ନେତା ନୂଆ ଦଶନ୍ଧି ମଧ୍ୟରେ ଭାରତ-ୟୁକେ ର ରଣନୀତିକ ଭାଗିଦାରୀକୁ ଆହୁରି ମଜବୁତ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେମାନେ ସହମତ ହୋଇଥିଲେ ଯେ ଏହି ଉଦ୍ଦେଶ୍ୟ ଦିଗରେ ଏକ ବିସ୍ତୃତ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ଉପଯୋଗୀ ହେବ।

ନେତା ମାନେ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଭାରତ ଏବଂ ୟୁକେ ମଧ୍ୟରେ ହୋଇଥିବା ସହଯୋଗରେ ବିଶେଷ ଭାବରେ ବିପର୍ଯ୍ୟୟର ମୁକାବିଲା ଭିତ୍ତିଭୂମି (CDRI) କୁ ସୂଚାଇ ନିଜର ସନ୍ତୁଷ୍ଟିକୁ ବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ଶେଷରେ ଗ୍ଲାସ୍ଗୋରେ COP-26 କୁ ନିମନ୍ତ୍ରଣ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଜନସନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

COVID-19 ମହାମାରୀ ଉପରେ ଦୁଇ ଜଣ ପ୍ରଧାନମନ୍ତ୍ରୀ ବିଚାର ଗୁଡ଼ିକର ଆଦାନ-ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୟୁକେର ସ୍ୱାସ୍ଥ୍ୟମନ୍ତ୍ରୀ ସୁଶ୍ରୀ ନାଦିନ ଡୋରିସ୍ ଙ୍କର କରୋନାଭାଇରସ୍ ର ଯାଞ୍ଚରେ ପଜିଟିଭ୍ ଫଳାଫଳ ବାହାରିବା ଉପରେ ମଧ ନିଜର ଚିନ୍ତା ପ୍ରକାଶ କରିଥିଲେ ଏବଂ ତାଙ୍କର ଶୀଘ୍ର ଆରୋଗ୍ୟ ହେବାର କାମନା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଶ୍ରୀ ଜନସନଙ୍କୁ ପାରସ୍ପରିକ ଭାବରେ ସୁବିଧାଜନକ ଦିନରେ ଭାରତକୁ ଆସିବା ପାଇଁ ନିଜର ନିମନ୍ତ୍ରଣକୁ ଦୋହରାଇଲେ।

**ନୂଆ ଦିଲ୍ଲୀ**
**ମାର୍ଚ୍ଚ 12, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.